Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 195
Sunday, 20 Setember 2026
Balasore, Page : 8, ₹ 2/
ବାଲେଶ୍ୱର, ରବିବାର, ୨୦ ସେପ୍ଟେମ୍ବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ



# ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର, ୨୫ ଯାଏଁ ପ୍ରବଳ ବର୍ଷିବ

ଭୁବନେଶ୍ୱର, ୧୯/୯ (ଆ.ପ୍ର) : ଶନିବାର ସନ୍ଧ୍ୟାରେ ଉତ୍ତର ଆଣ୍ଡାମାନ ସାଗର ଓ ପାର୍ଶ୍ୱବର୍ତ୍ତୀ ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହା କ୍ରମଶଃ ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରିବା ସହ ଘନୀଭୂତ ହୋଇ ୨୧ରେ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଅବପାତ ଏବଂ ୨୨ ତାରିଖ ବେଳକୁ ଆହୁରି ଅଧିକ ଘନୀଭୂତ ହୋଇ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଗଭୀର ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି । ଏହି ଘୂର୍ଣ୍ଣିବଳୟ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି ଜାରି ରଖି ୨୩ ତାରିଖ ସକାଳ ବେଳକୁ ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ନିକଟ ପଶ୍ଚିମ-କେନ୍ଦ୍ରୀୟ ତଥା ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ପହଂଚିବ । ତେଣୁ ୨୨ ତାରିଖଠାରୁ ଓଡ଼ିଶା ଉପକୂଳ ଓ ପାର୍ଶ୍ୱବର୍ତ୍ତୀ ଅଂଚଳରେ ଘଂଟାପ୍ରତି ୪୫ରୁ ୫୫ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି । ମଝିରେ ମଝିରେ ପବନର ବେଗ ସର୍ବାଧିକ ୬୫ କିମି ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି) ପୂର୍ବାନୁମାନ କରିଛି । ତେବେ ବାତ୍ୟା ସମ୍ପର୍କରେ ଆଇଏମ୍?ଡି ଏପର୍ଯ୍ୟନ୍ତ କେ?ଣସି ସ୍ପଷ୍ଟ ସୂଚନା ଦେଇ ନାହିଁ । ଯଦି ଲଘୁଚାପ ଅଧିକ ଘନୀଭୂତ ହୋଇ ବାତ୍ୟା ରୂପ ନିଏ ତେବେ ଏହାର ନାମ 'ଅର୍ଣ୍ଣବ' ରହିବ । ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତିଙ୍କ କହିବାନୁଯାୟୀ ୨୦ ତାରିଖ ସକାଳ ସୁଦ୍ଧା



କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାକୁ ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଛି । ଅବପାତ ପ୍ରଭାବରେ ୨୧ ତାରିଖରୁ ଉପକୂଳ ଓଡ଼ିଶାରେ ବର୍ଷା ପରିମାଣ ବଢ଼ିବ । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଜିଲ୍ଲା ଏବଂ ୨୨ ତାରିଖରେ ଗଞ୍ଜାମ, ଗଜପତି, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ା ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ସହ ୪୦ରୁ ୫୦ କିମି ବେଗରେ ପବନ ହୋଇପାରେ । ତେଣୁ ଏହି ଜିଲ୍ଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଛି । ଏହି ସମୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, କେନ୍ଦୁଝର, ମୟୂରଭଞ୍ଜ, ବୌ?ଦ୍ଧ, କନ୍ଧମାଳ, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷା ହେବ । ଅନୁରୂପ ଭାବେ ୨୩ ତାରିଖରେ କନ୍ଧମାଳ, ଗଜପତି, ଗଞ୍ଜାମ ଓ ପୁରୀ ଜିଲ୍ଲାର କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ଏବଂ ଗୋଟିଏ ଦୁଇଟି ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ସହ ଘଂଟାପ୍ରତି ୫୦ରୁ ୬୦ କିମି ବେଗରେ ପବନ ହେବାର ସମ୍ଭାବନା ରହିଛି । ଉପକୂଳ ଓ ସଂଲଗ୍ନ ଜିଲ୍ଲାଗୁଡ଼ିକରେ ପ୍ରବଳରୁ ଅତିପ୍ରବଳ ବର୍ଷା ସହ ୪୦ରୁ ୫୦ କିମି ବେଗରେ ପବନ ବହିବ । ୨୪ ତାରିଖରେ ମଧ୍ୟ କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ଏବଂ ସ୍ଥାନେ ସ୍ଥାନେ ଅତ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ୨୫ ତାରିଖରେ ବରଗଡ଼, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ନବରଙ୍ଗପୁର ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି । ସମ୍ଭାବ୍ୟ ବର୍ଷା ଓ ପବନରେ କ୍ଷୟକ୍ଷତି ହେବାକୁ ଥିବାରୁ ପରିସ୍ଥିତି ଉପରେ ନଜର ରଖିବାକୁ ଜିଲ୍ଲା ପ୍ରଶାସନଗୁଡ଼ିକୁ ପରାମର୍ଶ ଦିଆଯାଇଛି । ସମୁଦ୍ର ଅଶାନ୍ତ ରହିବା ସମ୍ଭାବନା ଥିବାରୁ ମତ୍ସ୍ୟଜୀବୀମାନେ ଫେରି ଆସିବାକୁ ପରାମର୍ଶ ଦିଆଯାଇଛି । ଅନ୍ୟପକ୍ଷରେ ସେପ୍ଟେମ୍ବର ୧୭ ତୁଳନାରେ ଆଜି ୧୯ ତାରିଖରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପଶ୍ଚିମ ରାଜସ୍ଥାନର କିଛି ଅଂଶରୁ ପ୍ରତ୍ୟାବର୍ତ୍ତନ କରିଛି । ଆଗାମୀ ୩-୪ ଦିନ ମଧ୍ୟରେ ରାଜସ୍ଥାନର ଆହୁରି କିଛି ଅଂଶ ସହ ପଞ୍ଜାବ, ସୌରାଷ୍ଟ୍ର ଓ କଚ୍ଛ ଅଂଚଳରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ ପାଇଁ ପାଣିପାଗ ଅନୁକୂଳ ରହିଛି । ତେବେ ଓଡ଼ିଶାରେ ଏବେ ବି ମୌସୁମୀ ବର୍ଷା ସ୍ୱାଭାବିକଠାରୁ ଅଧିକ ରହିଛି । ୧୩ଟି ଜିଲ୍ଲାରେ ସ୍ୱାଭାବିକ ଏବଂ ୧୫ଟି ଜିଲ୍ଲାରେ ଅଧିକ ବର୍ଷା ହୋଇଛି । ବୌଦ୍ଧ ଜିଲ୍ଲାରେ ଅତ୍ୟଧିକ ବର୍ଷା ହୋଇଥିବାବେଳେ ଗଞ୍ଜାମରେ ନିଅଂଟିଆ ବର୍ଷା ପରିସ୍ଥିତି ଲାଗିରହିଛି ।

# ଛାତ୍ରସମାଜ ସୁରକ୍ଷିତ ଭବିଷ୍ୟତ ଦେଖିପାରୁ ନାହାନ୍ତି : ରାହୁଲ




ଇନ୍ଦୋର, ୧୯/୯(ନ୍ୟୁ.ଏ): ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶନିବାର ମଧ୍ୟପ୍ରଦେଶର ଇନ୍ଦୋରଠାରେ ଆୟୋଜିତ 'ଛାତ୍ରୋଁ କୀ ଗୁଞ୍ଜ' କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଛନ୍ତି । ରାହୁଲ କହିଛନ୍ତି ଯେ, ଛାତ୍ରମାନଙ୍କ ବିନା ଦେଶ ମଜବୁତ ହୋଇପାରିବ ନାହିଁ । ବର୍ତ୍ତମାନ ଦେଶର ଛାତ୍ର ସମାଜ ନିଜର ସୁରକ୍ଷିତ ଭବିଷ୍ୟତ ଦେଖିପାରୁନାହାନ୍ତି ଏବଂ ସେମାନେ ଖୁସିରେ ନରହି କ୍ରମାଗତ ଚାପ ମଧ୍ୟରେ ଗତି କରୁଛନ୍ତି । ପ୍ରଚଳିତ ବ୍ୟବସ୍ଥା ନୁହେଁ, ବରଂ ଛାତ୍ରମାନେ ହିଁ ଦେଶର ଭବିଷ୍ୟତ । ସମସ୍ତଙ୍କୁ ଶିକ୍ଷା ଓ ପ୍ରତ୍ୟେକ ଯୁବକଙ୍କୁ ରୋଜଗାର ମିଳିବା ଉଚିତ ବୋଲି ସେ ଦାବି କରିଛନ୍ତି । କେନ୍ଦ୍ର ସରକାରଙ୍କୁ ସମାଲୋଚନା କରି ରାହୁଲ କହିଛନ୍ତି ଯେ, ବର୍ତ୍ତମାନର ବ୍ୟବସ୍ଥା ଦେଶର ସମସ୍ତ ପ୍ରମୁଖ ଅନୁଷ୍ଠାନକୁ ନିଜ କବ୍‌ଜାକୁ ନେଇଯାଇଛି ଏବଂ ପ୍ରତ୍ୟେକ ସ୍ଥାନରେ ନିଜ ଲୋକଙ୍କୁ ବସାଇଛି । ଉଦାହରଣ ଦେଇ ସେ କହିଛନ୍ତି ଯେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ପୁଅ ଜୟ ଶାହଙ୍କୁ କ୍ରିକେଟ ଅନୁଷ୍ଠାନର ପ୍ରମୁଖ ପଦରେ ବସାଯାଇଛି । ଏହି ବ୍ୟବସ୍ଥା କେବଳ 'ଅନ୍ଧଭକ୍ତ' ପ୍ରସ୍ତୁତ କରିବାକୁ ଚାହୁଁଛି । ସୂଚନାଯୋଗ୍ୟ ଯେ, କୋଟା, ଡେରାଡୁନ୍, ପ୍ରୟାଗରାଜ ଓ ପୁଣେ ପରେ ଇନ୍ଦୋରରେ 'ଛାତ୍ରୋଁ କୀ ଗୁଞ୍ଜ'ର ଏହା ପଂଚମ ସଂସ୍କରଣ ଥିଲା । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଶ୍ନପତ୍ର ଲିକ୍, ମହଙ୍ଗା ଶିକ୍ଷା, ନିଯୁକ୍ତିରେ ଅନିୟମିତତା ଓ ବେକାରୀ ସମସ୍ୟାକୁ ନେଇ ରାହୁଲ ଶାସକ ବିଜେପିକୁ ଘେରିବାକୁ ପ୍ରୟାସ କରୁଛନ୍ତି । ସେପଟେ ଇନ୍ଦୋରରେ ଆଜି କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଛାତ୍ର ସମ୍ମିଳନୀ ପୂର୍ବରୁ ସହରରେ ଗୁରୁତର ରାଜନୈତିକ ଉତ୍ତେଜନା ସୃଷ୍ଟି ହୋଇଥିଲା । ସହରର ବିଭିନ୍ନ ସ୍ଥାନରେ 'ଝୁଠ୍ କି ଗୁଞ୍ଜ' ବ୍ୟାନର ଓ ପୋଷ୍ଟର ମରାଯିବାକୁ ନେଇ ଶାସକ ବିଜେପି ଏବଂ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ମଧ୍ୟରେ ତୀବ୍ର ବାକ୍‌ଯୁଦ୍ଧ ଦେଖିବାକୁ ମିଳିଥିଲା । ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ 'ଛାତ୍ରୋଁ କୀ ଗୁଞ୍ଜ' କାର୍ଯ୍ୟକ୍ରମରେ ବାଧା ସୃଷ୍ଟି କରିବା ପାଇଁ ବିଜେପି ଏହି ଚକ୍ରାନ୍ତ କରିଥିବା କଂଗ୍ରେସ ଅଭିଯୋଗ କରିଛି । ତେବେ ବିଜେପି ଏହି ଅଭିଯୋଗକୁ ଖଣ୍ଡନ କରି କହିଛି ଯେ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଛାତ୍ରମାନଙ୍କୁ ବାଧ୍ୟ କରାଯାଇଥିବାରୁ ସେମାନେ ନିଜର ଆକ୍ରୋଶ ପ୍ରକାଶ କରିବାକୁ ନିଜେ ଏହି ପୋଷ୍ଟର ଲଗାଇଛନ୍ତି ।

## ସମାନ କାମ ପାଇଁ ସମାନ ଦରମା ଦାବି କରିପାରିବେନି

ନୂଆଦିଲ୍ଲୀ, ୧୯/୯ (ନ୍ୟୁ.ଏ): ସମାନ କିମ୍ବା ଏକାପ୍ରକାରର କାର୍ଯ୍ୟ କରିବା ଦ୍ୱାରା ଜଣେ କର୍ମଚାରୀ ସମାନ ଦରମା ପାଇବା ପାଇଁ ହକ୍‌ଦାର ହୋଇପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ସ୍ପଷ୍ଟ କରିଛନ୍ତି । କୋର୍ଟଙ୍କ ମତ ଅନୁଯାୟୀ, ସମାନ କାର୍ଯ୍ୟ କରିବାର ଅର୍ଥ ସମାନ ମୂଲ୍ୟର କାର୍ଯ୍ୟ କରିବା ନୁହେଁ । ଦରମା ସମାନତା ଦାବି କରିବା ପାଇଁ କେବଳ କାର୍ଯ୍ୟର ସମାନତା ଯଥେଷ୍ଟ ନୁହେଁ, ବରଂ ନିଯୁକ୍ତିର ଉତ୍ସ, ଶିକ୍ଷାଗତ ଯୋଗ୍ୟତା, ଅଭିଜ୍ଞତା, ନିଯୁକ୍ତି ପ୍ରକ୍ରିୟା ଏବଂ ଦାୟିତ୍ୱ ଓ ଉତ୍ତରଦାୟିତ୍ୱର ଗୁରୁତ୍ୱ ପରି ବିଭିନ୍ନ ଦିଗରେ ବ୍ୟାପକ ସମାନତା ପ୍ରମାଣିତ କରିବାକୁ ପଡ଼ିବ । ବିଚାରପତି ଦୀପଙ୍କର ଦତ୍ତ ଏବଂ ବିଚାରପତି ଶୀଲ ନାଗୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଗୁରୁବାର ପ୍ରକାଶିତ ଏହି ରାୟରେ ସ୍ପଷ୍ଟ କରିଛନ୍ତି ଯେ କେବଳ କାର୍ଯ୍ୟାତ୍ମକ ସମାନତା ଆଉ ଯଥେଷ୍ଟ ନୁହେଁ । କେରଳର ସରକାରୀ ସାହାଯ୍ୟପ୍ରାପ୍ତ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟଗୁଡ଼ିକର କନିଷ୍ଠ ଶିକ୍ଷକମାନଙ୍କ ଦରମା ବିବାଦକୁ ନେଇ ଏହି ଆଦେଶ ଆସିଛି ।

# ତୀର୍ଥଯାତ୍ରା ପାଲଟିଲା ଶେଷଯାତ୍ରା; ୮ ଓଡ଼ିଆ ମଧ୍ୟପ୍ରଦେଶରେ ମୃତ

ଭୋପାଳ, ୧୯/୯ (ନ୍ୟୁ.ଏ): ମଧ୍ୟପ୍ରଦେଶର ଆଗର ମାଲୱା ଜିଲ୍ଲାର ନାଲଖେଡାରେ ଥିବା ମା ବଗଳାମୁଖୀ ମନ୍ଦିର ନିକଟରେ ଏକ ବଡ଼ ଦୁର୍ଘଟଣା ଘଟିଛି । ମନ୍ଦିର ନିକଟରେ ଥିବା ନାଳରେ ପ୍ରବଳ ବର୍ଷା ଜଳ ସ୍ରୋତରେ ଶ୍ରଦ୍ଧାଳୁଙ୍କୁ ନେଇ ଯାଉଥିବା ଏକ କାର୍ ଭାସି ଯାଇଛି । ଏହି ଦୁର୍ଘଟଣାରେ ଭୁବନେଶ୍ୱର ସ୍ଥିତ ଜୟଦେବ ବିହାରର ଗୋଟିଏ ପରିବାରର ତିନି ଜଣ ଶିଶୁ, ଦୁଇ ଜଣ ମହିଳା, ଦୁଇ ଜଣ ପୁରୁଷ ମୃତ୍ୟୁ ଘଟିଛି । ତାଙ୍କ ସହ ଥିବା ସ୍ଥାନୀୟ ଏକ ଟ୍ରାଭେଲ ଏଜେନ୍ସିର ଗାଡ଼ି ଚାଳକଙ୍କ ମୃତ୍ୟୁ ଘଟିଛି । ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଉଭୟେ ଏହି ଘଟଣାକୁ ନେଇ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ କରିଛନ୍ତି । ଉପଲବ୍ଧ ସୂଚନା ଅନୁଯାୟୀ, ସେମାନେ ଉଜ୍ଜୟିନୀରୁ କାର ଭଡ଼ାରେ ନେଇ ମା' ବଗଳାମୁଖୀ ମନ୍ଦିର ଦର୍ଶନ ପାଇଁ ନାଲଖେଡାରେ ପହଂଚିଥିଲେ । ନାଲଖେଡା ଅଂଚଳରେ ରାତିସାରା ପ୍ରବଳ ବର୍ଷା ହୋଇଥିଲା । ବର୍ଷା ଯୋଗୁଁ ଝରଣା ପାଣିର ପ୍ରବାହ ସ୍ତର ବଢ଼ିଯାଇଥିଲା । ଦର୍ଶନ ପରେ ଫେରୁଥିବା ସମୟରେ କାରଟି ପ୍ରବଳ ଜଳ ସ୍ରୋତରେ ଫସି ଯାଇଥିଲା ଏବଂ ଭାସି ଯାଇଥିଲା । ଦୁର୍ଘଟଣା



ସମ୍ପର୍କରେ ସୂଚନା ପାଇବା ପରେ, ପ୍ରଶାସନିକ ଅଧିକାରୀ ଏବଂ ଏକ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଂଚିଥିଲେ । ବହୁତ ଚେଷ୍ଟା ପରେ ସେଠାରୁ କାରକୁ ବାହାର କରାଯାଇଥିଲା । ତେବେ ସେତେବେଳକୁ ସେଥିରେ ଥିବା ସମସ୍ତ ଆଠ ଜଣଙ୍କର ମୃତ୍ୟୁ ହୋଇଯାଇଥିଲା । କଲେକ୍ଟର ଶେର ସିଂହ ମୀନା ଏବଂ ଏସପି ଦିଲୀପ କୁମାର ସୋନିଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ କରାଯାଇଥିଲା । ଗତ ୨୪ ଘଂଟା ମଧ୍ୟରେ ନାଲଖେଡାରେ ୩.୭ ଇଂଚ ବର୍ଷା ରେକର୍ଡ କରାଯାଇଛି, ବିଶେଷକରି ରାତିରେ ପ୍ରବଳ ବର୍ଷା ହୋଇଥିବା ଜଣାପଡ଼ିଛି । ମୃତକ ମାନେ ହେଲେ ଜୟଦେବ ବିହାର ନିବାସୀ ବନମାଳି ବେହେରାଙ୍କ ପୁଅ ଶିବପ୍ରସାଦ ବେହେରା, ଝିଅ ଗୀତାରାଣୀ ବେହେରା ଓ ରାଧାରାଣୀ ବେହେରା, ଜ୍ୱାଇଁ ଜ୍ଞାନେନ୍ଦ୍ର ବେହେରା ଏବଂ ତିନି ନାତି ନାତୁଣୀ । ଏହି ଘଟଣାକୁ ନେଇ ଶୋକ ପ୍ରକାଶ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ମଧ୍ୟପ୍ରଦେଶରେ ଏକ ଦୁର୍ଘଟଣାରେ ଓଡ଼ିଆ ପର୍ଯ୍ୟଟକଙ୍କ ପ୍ରାଣ ହରାଇବା ଖବର ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ । ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୋର ଗଭୀର ସମବେଦନା ଜଣାଇବା ସହ ଦିବଂଗତ ଆତ୍ମାଙ୍କର ସଦ୍‌ଗତି କାମନା କରୁଛି । ଘଟଣା ସମ୍ପର୍କରେ ମଧ୍ୟପ୍ରଦେଶ ସରକାର ତଥା ସ୍ଥାନୀୟ ପ୍ରଶାସନ ସହିତ ନିରନ୍ତର ସମନ୍ୱୟ ରକ୍ଷା କରିବା ନିମନ୍ତେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛି । ଉଦ୍ଧାର ଓ ବ୍ୟବଚ୍ଛେଦ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ସହ ପାର୍ଥିବ ଶରୀରକୁ ସମ୍ମାନେ ଓଡ଼ିଶା ଫେରାଇ ଆଣିବା ଲାଗି ସମସ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଛି । ଏପରି ଦୁଃଖଦ ମୁହୂର୍ତ୍ତରେ ରାଜ୍ୟ ସରକାର ଶୋକସନ୍ତପ୍ତ ପରିବାରବର୍ଗଙ୍କ ସହ ଦୃଢ଼ ଭାବରେ ଠିଆ ହୋଇଛନ୍ତି । ଏହି ଘଟଣାକୁ ନେଇ ଶୋକ ପ୍ରକାଶ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ମଧ୍ୟପ୍ରଦେଶର ଆଗର ମାଲୱାରେ ଘଟିଥିବା ଦୁର୍ଘଟଣା ଅତ୍ୟନ୍ତ ଦୁଃଖଦାୟକ । ନିଜ ପ୍ରିୟଜନଙ୍କୁ ହରାଇଥିବା ପରିବାରବର୍ଗଙ୍କ ପ୍ରତି ମୁଁ ଗଭୀର ସମବେଦନା ଜଣାଉଛି ।

# ସରକାରୀ ପ୍ରସ୍ତାବ ଓ ମାମଲାର ତ୍ୱରିତ ଯାଂଚ, ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ରାଜସ୍ୱ ବିଭାଗର ନିର୍ଦ୍ଦେଶ

ଭୁବନେଶ୍ୱର, ୧୯/୯ (ଆ.ପ୍ର) : ଜିଲ୍ଲା ତଥା କ୍ଷେତ୍ର ସ୍ତରରୁ ବିଭାଗକୁ ପଠାଯାଉଥିବା ବିଭିନ୍ନ ସ୍ପଷ୍ଟୀକରଣ, ଆଇନଗତ ମାମଲା ଏବଂ ନିର୍ଦ୍ଦେଶାବଳୀ ସମ୍ବନ୍ଧୀୟ ପ୍ରସ୍ତାବଗୁଡ଼ିକର ସମ୍ପୂର୍ଣ୍ଣ ସମୀକ୍ଷା, ତଥ୍ୟ ଯାଂଚ ଏବଂ ସମୟଭିତ୍ତିକ ଅନୁଧ୍ୟାନ



ନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ସମସ୍ତ ଜିଲ୍ଲାପାଳଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ବିନା ପର୍ଯ୍ୟାପ୍ତ ସମୀକ୍ଷା, ଅସମ୍ପୂର୍ଣ୍ଣ ତଥ୍ୟ କିମ୍ବା ଆବଶ୍ୟକୀୟ ଦସ୍ତାବିଜ୍ ବିନା ପ୍ରସ୍ତାବ ପଠାଯାଉଥିବାରୁ ବାରମ୍ବାର ଚିଠି ଆଦାନପ୍ରଦାନ ହେବା ସହ କାର୍ଯ୍ୟ ବିଳମ୍ବ ହେଉଥିବା ବିଭାଗ ପକ୍ଷରୁ ଲକ୍ଷ୍ୟ କରାଯାଇଛି । ଏହାକୁ ରୋକିବା ପାଇଁ ବିଭିନ୍ନ ଦିଗଗୁଡ଼ିକ ଉପରେ କଡ଼ା ନଜର ରଖିବାକୁ ଜିଲ୍ଲାପାଳମାନଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଜାରି କରାଯାଇଛି ଯେପ୍ରତ୍ୟେକ ପ୍ରସ୍ତାବରେ ଘଟଣାର ପୂରା ପୃଷ୍ଠଭୂମି, ସମ୍ପୃକ୍ତ ଆଇନ ତଥା ନିୟମ, ଏହାର ବିଶ୍ଳେଷଣ ଏବଂ ଜିଲ୍ଲାପାଳ କିମ୍ବା ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ମତାମତ ଓ ସୁପାରିଶ୍ ସ୍ପଷ୍ଟ ଭାବେ ଉଲ୍ଲେଖ ରହିବା ଆବଶ୍ୟକ । ଅଦାଲତ ମାମଲାର ସମୟଭିତ୍ତିକ ପରିଚାଳନା ସୁନିଶ୍ଚିତ କରିବାକୁ ଗୁରୁତ୍ୱ ଦେଇ ଅଦାଲତଙ୍କ ଆଦେଶ, ଆଇନଗତ ସମୟସୀମା କିମ୍ବା ଅଦାଲତ ଅବମାନନା ସମ୍ବନ୍ଧୀୟ ମାମଲାଗୁଡ଼ିକୁ ଶେଷ ମୁହୂର୍ତ୍ତରେ ନପଠାଇ ଯଥେଷ୍ଟ ପୂର୍ବରୁ ବିଭାଗକୁ ପଠାଇବାକୁ କୁହାଯାଇଛି । ଏଥିରେ କୌଣସି ପ୍ରକାରର ବିଳମ୍ବକୁ ଗ୍ରହଣ କରାଯିବ ନାହିଁ । ଓଡ଼ିଶା ଉଚ୍ଚନ୍ୟାୟାଳୟରେ ରିଟ୍ ଅପିଲ୍ କିମ୍ବା ସୁପ୍ରିମ୍ କୋର୍ଟରେ ଏସଏଲପି ଦାଖଲ ପାଇଁ ଆଇନ ବିଭାଗର ନିୟମାବଳୀକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯେଉଁ ସବୁ କ୍ଷେତ୍ରରେ ସରକାରୀ ନିୟମ କିମ୍ବା ମାର୍ଗଦର୍ଶିକା ସ୍ପଷ୍ଟ ରହିଛି, ସେଠାରେ ଅନାବଶ୍ୟକ ଭାବେ ସ୍ପଷ୍ଟୀକରଣ ପାଇଁ ବିଳମ୍ବ ନ କରି ଜିଲ୍ଲା ସ୍ତରରେ ନିଜେ ବିଶ୍ଳେଷଣ କରି ବିଚାରପୂର୍ବକ ନିଷ୍ପତ୍ତି ନେବାକୁ କୁହାଯାଇଛି । ସମସ୍ତ ଚିଠିପତ୍ର ବିଭାଗର ଅଫିସିଆଲ୍ ଇ-ମେଲ୍ (revsec.od@od.gov.in) ମାଧ୍ୟମରେ ପଠାଯିବା ସହ ଅତ୍ୟନ୍ତ ଜରୁରୀ ପରିସ୍ଥିତିରେ ଆବଶ୍ୟକ ନଥିପତ୍ର ଦାଖଲ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ଅସମ୍ପୂର୍ଣ୍ଣ କିମ୍ବା ବିଳମ୍ବରେ ପ୍ରସ୍ତାବ ପଠାଇବା ଯୋଗୁଁ ଯଦି କୌଣସି ଆଇନଗତ କିମ୍ବା ପ୍ରଶାସନିକ ସମସ୍ୟା ସୃଷ୍ଟି ହୁଏ, ତେବେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଜିଲ୍ଲା ସ୍ତରରେ ପ୍ରସ୍ତାବଗୁଡ଼ିକର ଯାଂଚ ଓ ନିୟମିତ ଅନୁଧ୍ୟାନ ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

# ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ନବନିର୍ମାଣର ଅନଶନକୁ ସିଜେପିର ସମର୍ଥନ

ଭୁବନେଶ୍ୱର, ୧୯/୯ (ଆ.ପ୍ର) : ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଓ ୬ ଦଫା ଦାବିରେ ନବନିର୍ମାଣ ଯୁବଛାତ୍ର ସଂଗଠନ ପକ୍ଷରୁ ଚାଲିଥିବା ଅନଶନକୁ ବହୁଚର୍ଚ୍ଚିତ କଲ୍ରୋଚ ଜନତା ପାର୍ଟି(ସିଜେପି)ର ସମର୍ଥନ ମିଳିଛି । ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରଦାନ କେଳେଙ୍କାରୀରେ ଗଣଶିକ୍ଷା ମନ୍ତ୍ରୀଙ୍କ ସମ୍ପୃକ୍ତିର ଅଭିଯୋଗ ଆଣି ତାଙ୍କର ଇସ୍ତଫା ଦାବିରେ ନବନିର୍ମାଣ ପକ୍ଷରୁ ଚାଲିଥିବା ଅନଶନରେ ସିଜେପିର ସହପ୍ରତିଷ୍ଠାତା ତଥା ରାଷ୍ଟ୍ରୀୟ ମୁଖପାତ୍ର ସୌରଭ ଦାସ ସାମିଲ ହେବେ । ଭୁବନେଶ୍ୱରସ୍ଥିତ ଲୋୟର ପିଏମଜି ସତ୍ୟାଗ୍ରହ ସ୍ଥଳରେ ଆସନ୍ତା ୨୧ତାରିଖରେ ଶ୍ରୀ ଦାସ ଯୋଗ ଦେବେ ବୋଲି ସଂଗଠନର ପ୍ରତିଷ୍ଠାତା



ଅକ୍ଷୟ କୁମାର ସୂଚନା ଦେଇଛନ୍ତି । ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ନବନିର୍ମାଣ ସଂଗଠନ ପକ୍ଷରୁ ଚାଲିଥିବା ସତ୍ୟାଗ୍ରହ ୩୧ଦିନରେ ପହଂଚିଥିବାବେଳେ ଅକ୍ଷୟ କୁମାରଙ୍କ ଅନଶନ ୧୪ଦିନରେ ପହଂଚିଛି । ସିଜେପିର ସମର୍ଥନ ନବନିର୍ମାଣର ଏହି ଆନ୍ଦୋଳନକୁ ଜାତୀୟ ରୂପ ଦେବ ବୋଲି କୁହାଯାଉଛି । ଶନିବାର ଅପରାହ୍ନରେ ଅନଶନସ୍ଥଳରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ନବନିର୍ମାଣ କୃଷକ ସଂଗଠନର ପ୍ରତିଷ୍ଠାତା ଅକ୍ଷୟ କୁମାର ସିଜେପିର ସମର୍ଥନ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ,ନବନିର୍ମାଣ ଯୁବଛାତ୍ର ସଂଗଠନର ଏହି ଲଢ଼େଇକୁ ସିଜେପିର ଶୀର୍ଷ ନେତୃତ୍ୱଙ୍କ ସମର୍ଥନ ମିଳିଛି ଓ ସେମାନେ ଓଡ଼ିଶା ଛାତ୍ର ସମାଜର ହକ୍ ପାଇଁ କାନ୍ଧରେ କାନ୍ଧ ମିଳାଇ ଲଢ଼ିବାକୁ ଆଗକୁ ଆସିଛନ୍ତି । ସେପ୍ଟେମ୍ବର ୨୧ତାରିଖରେ ସିଜେପି ନେତା ସୌରଭ ଦାସଙ୍କ ଯୋଗଦାନ ରାଜ୍ୟ ସରକାରଙ୍କ ଉପରେ ଚାପକୁ ଆହୁରି ବଢ଼ାଇବ ।

# ଓରାଙ୍ଗଉଟାନ ଚାଲାଣ ପଛରେ ବିହାରି ମାଫିଆ

ଭୁବନେଶ୍ୱର, ୧୯/୯ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ଭୋଗରାଇ ଜଙ୍ଗଲରୁ ୫ ଓରାଙ୍ଗଉଟାନ ଉଦ୍ଧାର ଘଟଣା । କ୍ରାଇମବ୍ରାଂଚ STF ହାତରେ ଆଉ ଏକ ସୁରାକ । ଓରାଙ୍ଗଉଟାନ ଚାଲାଣ ଓ ଡିଲ୍ ପଛରେ ଜଣେ ବିହାରୀ ମାଫିଆ ଥିବା ଚିହ୍ନଟ କରିଛି କ୍ରାଇମବ୍ରାଂଚ । ବିହାରୀ ମାଫିଆକୁ ଚିହ୍ନଟ କରାଯିବା ପରେ କ୍ରାଇମବ୍ରାଂଚ ରେଡ୍ କରିଛି । ମାଫିଆକୁ ଧରିବା ପାଇଁ ସ୍ଥାନୀୟ ପୋଲିସ ସହାୟତାରେ ବିହାରରେ ରେଡ କରିଛି STF ଟିମ୍ । ତେବେ ଗିରଫ ଭୟରେ ଅନେକ ଅଭିଯୁକ୍ତ ଫେରାର ଥିବା ସୂଚନା ମିଳିଛି । ସେପଟେ, ଓରାଙ୍ଗଉଟାନ ଉଦ୍ଧାର ଘଟଣାରେ ଶୁକ୍ରବାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରତିକ୍ରିୟା ରଖିଥିଲେ । ମନ୍ତ୍ରୀ ଗଣେଶ ରାମ ସିଂ ଖୁଂଟିଆ କହିଥିଲେ, 'ଓରାଙ୍ଗଉଟାନ ଓଡ଼ିଶା ଆସିବାରେ ଆନ୍ତର୍ଜାତୀୟ ଲିଙ୍କ୍ ଥିବାର ସନ୍ଦେହ କରାଯାଉଛି ।



ତେଣୁ ବିଭିନ୍ନ ରାଜ୍ୟରେ ଏହାର ତଦନ୍ତ ଚାଲିଛି । ଏସଟିଏଫ ଏହାର ତଦନ୍ତ କରୁଛି, କିଛି ସମୟ ଲାଗିବ । ଖୁବ୍‌ଶୀଘ୍ର ଦୋଷୀ ଧରା ପଡ଼ିବେ ।' ପ୍ରାଥମିକ ସ୍ତରରେ ରାଜ୍ୟରେ ଯେଉଁମାନେ ଏଥିରେ ଜଡିତ ଥିଲେ, ଧରା ପଡ଼ୁଛନ୍ତି । ସେମାନଙ୍କର ଲିଙ୍କ୍ କେତେ ଦୂର ଥିଲା, ତାର ଖୋଳତାଡ଼ ଚାଲିଛି । ଏସଟିଏଫ ଓ WCCB ତଦନ୍ତ କରୁଛି । ବିଭିନ୍ନ ରାଜ୍ୟ ଯାଇ ସେଠାରେ ତଦନ୍ତ କରାଯାଉଥିବା ସୂଚନା ଦେଇଛନ୍ତି ମନ୍ତ୍ରୀ । ମନ୍ତ୍ରୀ ଆହୁରି କହିଛନ୍ତି ଯେ, 'ତଦନ୍ତ ପାଇଁ ମାସେରୁ ଅଧିକ ସମୟ ମଧ୍ୟ ଲାଗିପାରେ । ଭବିଷ୍ୟତରେ ଯେଭଳି ପୁନରାବୃତ୍ତି ନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି । ରାକେଟକୁ ମୂଳରୁ ଓପାଡ଼ିବା ପାଇଁ ଲମ୍ବା ସମୟ ଲାଗିପାରେ । ଏସଟିଏଫ ଉପରେ ଆମର ବିଶ୍ୱାସ ରହିଛି । ଏବେ ସବୁ ଓରାଙ୍ଗଉଟାନ ସୁସ୍ଥ ଅଛନ୍ତି ।' ସେପ୍ଟେମ୍ବର ୧୬ ତାରିଖରେ ନନ୍ଦନକାନନରେ ୫ ଜଣିଆ ବୈଷୟିକ ଟିମ୍ ଓରାଙ୍ଗଓଟାନଙ୍କ ସ୍ୱାସ୍ଥ୍ୟ ଯାଂଚ କରିଥିଲେ । ସମସ୍ତ ଉଦ୍ଧାର ହୋଇଥିବା ଓରାଙ୍ଗଉଟାନ ଛୁଆଙ୍କର ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ପରୀକ୍ଷା ବୈଷୟିକ କମିଟିର ସଦସ୍ୟମାନଙ୍କ ଉପସ୍ଥିତିରେ କରାଯାଇଛି ।



ସିଥୋ ଆରମ୍ଭ
SEITHO ARAMBHA
ରବିବାର, ୨୦ ସେପ୍ଟେମ୍ବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



# ସମ୍ପାଦକୀୟ...

## କର୍କଟ

କର୍କଟ ରୋଗ ଏବେ ମାନବ ସମାଜ ପ୍ରତି ବିପଦ ସୃଷ୍ଟି କରିଛି । ତେବେ ସଚେତନତା ଓ ସତର୍କତା ଦ୍ୱାରା ଏହି ରୋଗ ସହ ମାନବ ସମାଜ ଲଢ଼େଇ କରିବାର ଆବଶ୍ୟକତା ରହିଛି । ବର୍ତ୍ତମାନ କର୍କଟ ଚିକିତ୍ସା ନିମନ୍ତେ ନୂଆ ନୂଆ ପଦ୍ଧତି ସବୁ ବାହାରିଲାଣି । ଠିକଣା ସମୟରେ ଉପଚାର ଦ୍ୱାରା ବହୁ ଲୋକ କର୍କଟ କବଳରୁ ସମ୍ପୂର୍ଣ୍ଣ ଭାବେ ମୁକ୍ତ ହୋଇପାରୁଛନ୍ତି । ଏହି ଉଦ୍ଦେଶ୍ୟରେ ପ୍ରତିବର୍ଷ ଫେବୃୟାରୀ ୪ ତାରିଖକୁ ବିଶ୍ୱ କର୍କଟ ଦିବସ ଭାବେ ପାଳନ କରାଯାଇଥାଏ । କର୍କଟ ରୋଗର ଚିହ୍ନଟ, ଚିକିତ୍ସା ଏବଂ ନିରାକରଣ ଦିଗରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ । ମିଳିତ ଜାତିସଂଘ ଏହି ଦିବସ ପାଳନକୁ ମଞ୍ଜୁରୀ ଦେଇଛି । ଆନ୍ତର୍ଜାତିକ କର୍କଟ ନିୟନ୍ତ୍ରଣ ସଂଗଠନ ପକ୍ଷରୁ ପ୍ରଥମ ଥର ପାଇଁ କର୍କଟ ରୋଗ ନିୟନ୍ତ୍ରଣ ଦିବସ ପାଳନ ଆରମ୍ଭ ହୋଇଥିଲା । ବିଭିନ୍ନ କାରଣରୁ କର୍କଟ ହୋଇଥାଏ । ତେବେ ଧୂମପାନ ଓ ନିଶାଦ୍ରବ୍ୟ ସେବନ ଏହାର ଏକ ପ୍ରମୁଖ କାରଣ । ଏଥିରୁ ଦୂରେଇ ରହିବା ଲାଗି ଏବେ ବିଶ୍ୱବ୍ୟାପୀ ସଚେତନତା ସୃଷ୍ଟି କରାଯାଉଛି । ଚଳିତ ୨୦୨୦ ସୁଦ୍ଧା କର୍କଟ ରୋଗ ଜନିତ ଅସୁସ୍ଥତା ଏବଂ ମୃତ୍ୟୁକୁ ସମ୍ପୂର୍ଣ୍ଣ ଭାବେ ଦୂରେଇବା ଲାଗି ବିଶ୍ୱ କର୍କଟ ଦିବସ ପାଳନର ପ୍ରମୁଖ ଉଦ୍ଦେଶ୍ୟ ରହିଛି । ଚଳିତବର୍ଷ ବିଶ୍ୱ କ୍ୟାନସର ଦିବସର ବାର୍ତ୍ତା ରହିଛି 'ଆଇ ଆମ୍ ଆଣ୍ଡ ଆଇ ଉଇଲ୍' । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଓ ବିଭିନ୍ନ ସେବା ସଙ୍ଗଠନ ଦ୍ୱାରା ପ୍ରତିବର୍ଷ ଫେବୃଆରୀ ୪ ତାରିଖକୁ ବିଶ୍ୱ କ୍ୟାନସର ଦିବସ ଭାବେ ପାଳନ କରାଯାଏ । ଫୁସ୍‌ଫୁସ୍ କ୍ୟାନସର ଓ ପେଟ କ୍ୟାନସର ପରେ ଲିଭର କ୍ୟାନସରରୁ ହିଁ ବେଶୀ ବ୍ୟକ୍ତି ମୃତ୍ୟୁମୁଖରେ ପଡ଼ନ୍ତି । ହେପାଟାଇଟିସ୍ ବି ଓ ସି ଏହି ରୋଗର ମୁଖ୍ୟ କାରଣ । ଏସିଆ ଓ ଆଫ୍ରିକା ମହାଦେଶରେ ହେପାଟାଇଟିସ୍ ବି ୮୦ ପ୍ରତିଶତ ଓ ଆମେରିକା ଓ ଜାପାନ ଦେଶରେ ହେପାଟାଇଟିସ୍ ସି ୭୫ ପ୍ରତିଶତ ହେଉଛି ଲିଭର କ୍ୟାନସରର ମୁଖ୍ୟ କାରଣ । ଏହି ହେପାଟାଇଟିସ୍ ବି ଓ ସି ସାଧାରଣତଃ ଦୂଷିତ ରକ୍ତ, ଦୂଷିତ ସିରିଞ୍ଜ ଓ ଡ୍ରଗ୍ସ ମାଧ୍ୟମରେ କିମ୍ବା ଅସୁରକ୍ଷିତ ଯୌନ ସମ୍ପର୍କ ମାଧ୍ୟମରେ ଜଣଙ୍କର ଶରୀରରୁ ଅନ୍ୟ ଜଣଙ୍କର ଶରୀରକୁ ପ୍ରବେଶ କରିଥାଏ । ଯେଉଁମାନେ ଅତ୍ୟଧିକ ମଦ୍ୟପାନ କରନ୍ତି ସେମାନେ ଲିଭର ସିରୋସିସ୍ ଓ କ୍ୟାନସର ରୋଗରେ ମଧ୍ୟ ପୀଡ଼ିତ ହୁଅନ୍ତି । ଲିଭରରେ ଅତ୍ୟଧିକ ଚର୍ବି ଜମିବା, ଧୂମ୍ରପାନ ସେବନ, ଡାଇବେଟିସ୍ ଓ ଆଫ୍‌ଲା ଟକ୍ସିନ୍ ସେବନ ମାଧ୍ୟମରେ ଏହି ଲିଭର କ୍ୟାନସର ହୋଇଥାଏ । ହିମୋକ୍ରୋମାଟୋସିସ୍ (ଲିଭରରେ ଅତ୍ୟଧିକ ଲୌହ କଣା ଜମିବା, ଟାଇରୋସିନୋସିସ୍, ଆଲ୍‌ଫା-୧ ଏଂଟିଟ୍ରିପ୍‌ସିନ୍ ଅଭାବ ବ୍ୟକ୍ତି ମାନଙ୍କୁ ମଧ୍ୟ ଏହି କ୍ୟାନସର ରୋଗ ହୁଏ । ଏହି କାରଣ ଗୁଡ଼ିକ ମଧ୍ୟରୁ ହେପାଟାଇଟିସ୍ ବି, ସି, ମଦ୍ୟପାନ, ଧୂମ ସେବନ, ଚର୍ବି ଜନିତ ରୋଗ ଓ ଡାଏବେଟିସ୍ ହେଉଛି ପ୍ରଧାନ ରୋଗ ଯେଉଁଥିରେ କି ପରବର୍ତ୍ତୀ ଅବସ୍ଥାରେ ରୋଗୀ ଲିଭର କ୍ୟାନସରରେ ଆକ୍ରାନ୍ତ ହୁଏ । ଭାରତରେ ହେପାଟାଇଟିସ୍ ବି ସାଧାରଣଃ ଦୁଇରୁ ସାତ ପ୍ରତିଶତ ଜନସାଧାରଣଙ୍କ ଭିତରେ ଦେଖାଯାଏ । ଦେଶରେ ହେପାଟାଇଟିସ୍ ବି ଭୂତାଣୁର ବାହକ ବହୁ ସଂଖ୍ୟାରେ ଅଛନ୍ତି । ଏହି ବାହକମାନେ ସାଧାରଣତଃ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଆମ୍ଭେମାନେ ଯଦି ହେପାଟାଇଟିସ୍ ବି କୁ ଟୀକା ମାଧ୍ୟମରେ ସମ୍ପୂର୍ଣ୍ଣ ନିରାକରଣ କରିପାରିବୁ ତାହାହେଲେ ଲିଭର କ୍ୟାନସର ମଧ୍ୟ କମିଯିବ । ମଦ୍ୟପାନ ବନ୍ଦ କରିବା ଅନ୍ୟ ଏକ ପଦକ୍ଷେପ । ଏହାଦ୍ୱାରା ଲିଭର ସିରୋସିସ୍ ଓ ଲିଭର କ୍ୟାନସରକୁ ମଧ୍ୟ ନିରାକରଣ କରାଯାଇ ପାରିବ । ରକ୍ତବ୍ୟାଙ୍କ ମାନଙ୍କରେ ହେପାଟାଇଟିସ୍ ବି ଓ ସି ପରୀକ୍ଷା ମାଧ୍ୟମରେ ହେପାଟାଇଟିସ୍ ବି ଓ ସିର ସଂକ୍ରମଣକୁ ମଧ୍ୟ ନିୟନ୍ତ୍ରଣ କରାଯାଇପାରିବ । ହେପାଟାଇଟିସ୍ ବି ଓ ସି ପାଇଁ ବିଭିନ୍ନ ପ୍ରକାର ସଫଳ ଔଷଧ (ଏଂଟିଭାଇରାଲ୍) ବଜାରରେ ଉପଲବ୍ଧ ହେଲାଣି ଯାହା ମାଧ୍ୟମରେ ହେପାଟାଇଟିସ୍ ବି ଓ ସିର ସଂକ୍ରମଣକୁ ପ୍ରତିହତ କରିହେବ । ଡାଏବେଟିସ, ଅତ୍ୟଧିକ ଧୂମପାନ ଇତ୍ୟାଦି ମଧ୍ୟ ବହୁକାଂଶରେ ନିୟନ୍ତ୍ରଣ ସାପେକ୍ଷ ।

# ଗେହ୍ଲା ପୁଅର ହସ ପଛରେ ଲୁଚିଥିବା ଅକୁହା କାହାଣୀ

॥ ମିଳନ କୁମାର ମିଶ୍ର (ଭରଦ୍ୱାଜ) ॥

ଘରର ସାନ ପୁଅଟିକୁ ଦେଖିଲେ ଆମ ମନରେ ପ୍ରଥମେ ଯେଉଁ ଶବ୍ଦଟି ଆସେ, ସେ ହେଉଛି—'ଗେହ୍ଲାପଣ' । ସାନ ପୁଅ ମାନେ ଘରର ଶେଷ ଆଶା, ମାଆର ଆଖିର ତାରା, ବାପାଙ୍କ ଆଦରର ପାତ୍ର । ବଡ଼ ଭାଇଭଉଣୀଙ୍କ ଗାଳି, ମାଆର ମମତା, ବାପାଙ୍କ ଶାସନ ଓ ଘରର ସମସ୍ତଙ୍କ ସ୍ନେହ ମଧ୍ୟରେ ବଢ଼ିଥାଏ ସେ । ତାଙ୍କୁ ନେଇ ଘରେ କେତେ ଯେ ମଜା, କେତେ ଯେ ଗପ, କେତେ ଯେ ସ୍ମୃତି ! କିନ୍ତୁ ଏହି 'ଗେହ୍ଲା ପୁଅ'ଟି ଯେତେବେଳେ ବଡ଼ ହୋଇଯାଏ, ଜୀବନ ତା'କୁ ଏକ ଅଦ୍ଭୁତ ଦାୟିତ୍ୱର ଭାର ଦେଇଦିଏ । ଯେଉଁ ପୁଅଟିକୁ ଦିନେ ମାଆ କହୁଥିଲେ—'ତୁ ତ ମୋର ସାନ ପୁଅ, ତୋତେ କିଛି କରିବାକୁ ପଡ଼ିବ ନାହିଁ ।' ସେହି ପୁଅଟି ଦିନେ ଘରର ସବୁଠାରୁ ବଡ଼ ଦାୟିତ୍ୱଟି ନିଜ କାନ୍ଧରେ ନେଇ ଠିଆ ହୋଇଯାଏ—ଅଜାଣତରେ, ନିରବରେ, କାହାରି ଆଦେଶରେ ନୁହେଁ; ନିଜ ଭଲପାଇବାରେ ।

ସାନ ପୁଅର ଗୋଟିଏ ବଡ଼ ଦୁର୍ଭାଗ୍ୟ ହେଉଛି—ସେ 'ନା' କହିବା ଶିଖିପାରେ ନାହିଁ । ମାଆ କିଛି କହିଲେ—'ହଁ ।' ବାପାଙ୍କର କିଛି ଆବଶ୍ୟକତା ହେଲେ—'ହଁ ।' ଭାଇର ସମସ୍ୟା ହେଲେ—'ହଁ ମୁଁ ଦେଖୁଛି ।' ଭଉଣୀର ଅସୁବିଧା ହେଲେ—'ଚିନ୍ତା କରନି, ମୁଁ ଅଛି ।' ଘରେ କେହି ଅସୁବିଧାରେ ପଡ଼ିଲେ ସମସ୍ତଙ୍କ ଆଖି ପ୍ରଥମେ ତା' ଆଡ଼କୁ ଯାଏ । କାରଣ ସେ କେବେ ମନା କରିନାହିଁ । ଧୀରେ ଧୀରେ ପରିବାର ତା'ର 'ହଁ'କୁ ଅଭ୍ୟାସ କରିନିଏ । ଏମିତି ଅଭ୍ୟାସ ଯେ, ଦିନେ ସେ 'ନା' କହିବାକୁ ଚାହିଁଲେ ବି ତା'ର ନିଜ ମନ ତାକୁ ଅନୁମତି ଦିଏ ନାହିଁ । ସେ ଭାବେ—'ମୋ ପାଇଁ ଘର ଯଦି ଟିକିଏ କଷ୍ଟ ପାଏ, ତେବେ ମୁଁ କେମିତି ନିଜକୁ କ୍ଷମା କରିବି ?' ଏହି ଚିନ୍ତା ତା'କୁ ଭିତରୁ ଭିତରୁ ଖାଇଯାଏ ।

ସେ ବି ଦିନେ ସ୍ୱପ୍ନ ଦେଖିଥିଲା—ନିଜ ପାଇଁ ଗୋଟିଏ ଘର, ନିଜ ପସନ୍ଦର ଜୀବନ, ନିଜ ମନର ଗୋଟିଏ ସାଥୀ, କେଉଁଠି ଯିବାର ଇଚ୍ଛା, କିଛି କିଣିବାର ଇଚ୍ଛା, କିଛି ସଂଚୟ କରିବାର ଇଚ୍ଛା, କେବଳ ନିଜ ପାଇଁ ଗୋଟିଏ ଦିନ ବଂଚିବାର ଇଚ୍ଛା । କିନ୍ତୁ ଘରର ଆବଶ୍ୟକତା ଆସିଲା ଓ ତା'ର ସ୍ୱପ୍ନ ପଛକୁ ଚାଲିଗଲା । ପୁଣି ଗୋଟିଏ ଆବଶ୍ୟକତା ଆସିଲା, ସ୍ୱପ୍ନ ଆଉ କିଛି ପଛକୁ ଚାଲିଗଲା । ଏମିତି କରୁ କରୁ ଦିନ ମାସ ହେଲା, ମାସ ବର୍ଷ ହେଲା । ଯେଉଁ ସ୍ୱପ୍ନଗୁଡ଼ିକୁ ସେ କହିଥିଲା—'ପରେ ପୂରଣ କରିବି', ସେହି 'ପରେ' ଦିନେ ତା' ଜୀବନରୁ ହିଁ ହଜିଗଲା । ସେତେବେଳେ ସେ ବୁଝିଲା—କେତେକ ସ୍ୱପ୍ନ ଅପୂର୍ଣ୍ଣ ରହିଲେ ଦୁଃଖ ଦିଏ ନାହିଁ; କିନ୍ତୁ ସେଗୁଡ଼ିକୁ ପୂରଣ କରିବାର ସମୟ ଚାଲିଗଲେ ଯେଉଁ ଅବଶୋଷ ରହିଯାଏ, ସେ ଅବଶୋଷ ଜୀବନସାରା ରହେ ।

ସକାଳେ ଚାକିରି, ସନ୍ଧ୍ୟାରେ ଘର । ଘରକୁ ଫେରିଲେ ଆଉ କିଛି ଦାୟିତ୍ୱ । ମାଆଙ୍କ ଔଷଧ, ବାପାଙ୍କ ଡାକ୍ତର, ଭାଇର କାମ, ଭଉଣୀର ଆବଶ୍ୟକତା, ଘରର ଋଣ, ପିଲାମାନଙ୍କ ପଢ଼ା—ଅନେକ ଛୋଟବଡ଼ ଆବଶ୍ୟକତା ତା' ଜୀବନର ଅଂଶ ହୋଇଯାଏ । ତା'ର ଦରମା ଆସେ ଓ ଚାଲିଯାଏ । ମାସର ପ୍ରଥମ ତାରିଖରେ ତା'ର ମୋବାଇଲରେ ମେସେଜ୍ ଆସେ—'Salary credited.' କିନ୍ତୁ ସେହି ଦରମା ତା'ର ନିଜ ଜୀବନ ପାଇଁ କେତେ ରହିଲା ? ହୁଏତ ଉତ୍ତର ଅତି ଛୋଟ । କେବେ କେବେ ଶୂନ । ତଥାପି ସେ ଅଭିଯୋଗ କରେ ନାହିଁ । କାରଣ ସେ ଜାଣେ—ଘର ଚାଲିବା ଦରକାର ।

ସାନ ପୁଅ ସାଧାରଣତଃ ହସେ । ଘରେ ଗପ କରେ, ମାଆଙ୍କୁ ହସାଏ, ଭାଇଭଉଣୀଙ୍କ ସହ ମଜା କରେ, ବାହାରେ ସାଙ୍ଗମାନଙ୍କ ସହ ହସେ । ଫୋନରେ କହେ—'ମୁଁ ଭଲ ଅଛି ।' କିନ୍ତୁ 'ମୁଁ ଭଲ ଅଛି' ଓ 'ମୋ ମନ ଭଲ ଅଛି'—ଏ ଦୁଇଟି କଥା ସମାନ ନୁହେଁ । କେତେ ଲୋକ ଅଛନ୍ତି, ଯେଉଁମାନେ ହସି ହସି ନିଜ ଭିତରର ଭଙ୍ଗା ମଣିଷଟିକୁ ଲୁଚାଇ ରଖନ୍ତି ! ସାନ ପୁଅଟି ବି ସେହିପରି । ସମସ୍ତେ ତା'ର ମୁହଁକୁ ଦେଖନ୍ତି, କେହି ତା'ର ମନକୁ ଦେଖନ୍ତି ନାହିଁ ।

ଦିନର କୋଳାହଳ ସରିଯାଏ । ଘର ଶୋଇଯାଏ । ଫୋନ୍ ନିରବ ହୋଇଯାଏ । ସମସ୍ତେ ନିଜ ନିଜ ଘରେ ଶୋଇଥାନ୍ତି । ସେତେବେଳେ ସାନ ପୁଅଟି ଛାତ ଉପରେ ବା ବାଲକୋନିରେ ଏକୁଟିଆ ବସିଥାଏ । ଆକାଶକୁ ଦେଖେ । କେବେ ଚନ୍ଦ୍ରକୁ, କେବେ ତାରାକୁ, କେବେ କେବଳ ଅନ୍ଧାରକୁ । ଆଉ ନିଜକୁ ପଚାରେ—'ମୁଁ କ'ଣ ଭୁଲ କଲି ? ସମସ୍ତଙ୍କ ପାଇଁ କରିବା କ'ଣ ମୋର ଅପରାଧ ? ମୋ ପାଇଁ କିଛି ଚାହିଁବା କ'ଣ ସ୍ୱାର୍ଥ ? ମୁଁ କେବେ ନିଜ ପାଇଁ ବଂଚିପାରିବି ?' ପ୍ରଶ୍ନଗୁଡ଼ିକ ଆସେ, କିନ୍ତୁ ଉତ୍ତର ଆସେ ନାହିଁ । କେବେ କେବେ ଆଖିରେ ଲୁହ ଆସେ । ସେ ଚୁପଚାପ୍ ପୋଛିଦିଏ । କାହାକୁ ଦେଖାଇବାକୁ ଚାହେଁ ନାହିଁ । କାରଣ ସେ ତ 'ଗେହ୍ଲା ପୁଅ'! ଗେହ୍ଲା ପୁଅ କାନ୍ଦେ କି ?

ସାନ ପୁଅ ଯେତେ ବଡ଼ ହେଉ, ମାଆଙ୍କ ଆଖିରେ ସେ ସାନ ହିଁ ରହିଥାଏ । ତା'ର ମୁଣ୍ଡରେ ହାତ ରଖି ମାଆ ଏବେ ବି ପଚାରନ୍ତି—'ଖାଇଲୁ ?' ସେ ହସି କହେ—'ହଁ ମାଆ ।' ଯଦିଓ ସେ ହୁଏତ ଦିନସାରା ଠିକ୍ ଭାବରେ ଖାଇନଥା ଏ । ମାଆ ପଚାରନ୍ତି—'ଦେହ ଭଲ ଅଛି ତ ?' ସେ ପୁଣି କହେ—'ହଁ, ମୁଁ ଠିକ୍ ଅଛି ।' କାରଣ ସେ ମାଆଙ୍କୁ ନିଜ ଦୁଃଖ କହିବାକୁ ଚାହେଁ ନାହିଁ । ମାଆ ବୟସ୍କ ହୋଇଗଲେ । ତାଙ୍କ ମନରେ ଆଉ ଦୁଃଖ ଦେବାକୁ ଚାହେଁ ନାହିଁ । ଏହା ହେଉଛି ସାନ ପୁଅର ଭଲପାଇବାର ଆଉ ଗୋଟିଏ ରୂପ—ନିଜ ଦୁଃଖକୁ ମାଆଙ୍କଠାରୁ ଲୁଚାଇ ରଖିବା । ବାପାଙ୍କ ସହ ସମ୍ପର୍କ ଆଉ ଏକ ପ୍ରକାରର । ବାପା ସବୁବେଳେ ଭଲପାଇବାକୁ ଶବ୍ଦରେ କହନ୍ତି ନାହିଁ । କିନ୍ତୁ ତାଙ୍କ ଆଖିରେ ଆଶା ଥାଏ—'ସାନ ପୁଅଟା ଅଛି, ସବୁ ସମ୍ଭାଳିଦେବ ।' ଏହି ଗୋଟିଏ ବିଶ୍ୱାସ ସାନ ପୁଅର କାନ୍ଧରେ ଅଦୃଶ୍ୟ ଭାର ହୋଇ ବସିଯାଏ । ସେ ବାପାଙ୍କ ବିଶ୍ୱାସ ଭାଙ୍ଗିବାକୁ ଚାହେଁ ନାହିଁ । ତେଣୁ ନିଜେ ଭାଙ୍ଗିଗଲେ ବି ଘରକୁ ଭାଙ୍ଗିବାକୁ ଦିଏ ନାହିଁ ।

ବଡ଼ ଭାଇ ନିଜ ଜୀବନରେ ବ୍ୟସ୍ତ । ଭଉଣୀ ନିଜ ଘର ସଂସାରରେ ବ୍ୟସ୍ତ । ସମୟ ସମସ୍ତଙ୍କୁ ନିଜ ନିଜ ଦିଗକୁ ନେଇଯାଏ । କିନ୍ତୁ ସାନ ପୁଅଟି ହୁଏତ ସେହି ପୁରୁଣା ଘର ଆଉ ପୁରୁଣା ସମ୍ପର୍କ ମଝିରେ ରହିଯାଏ । ପରିବାରର ଅନେକ ଦାୟିତ୍ୱ ତା' ଉପରେ ଆସିପଡ଼େ । ଏହାକୁ କେହି ଆଦେଶ ଦେଇ ତା'କୁ କରାଇନାହାନ୍ତି । ସେ ନିଜେ ନେଇଛି । କାରଣ ସେ ଭାବିଛି—'ଆମ ଘର ତ ଆମର । ମୁଁ ନ କଲେ କିଏ କରିବ ?' ଏହି 'ମୁଁ ନ କଲେ କିଏ' ବୋଲି ଭାବିବାଟା ହିଁ ତା'ର ମହାନତା । ଆଉ ବେଳେବେଳେ ଏହି ମହାନତା ହିଁ ତା'ର ଦୁଃଖର କାରଣ । ସାନ ପୁଅ ଘର ପାଇଁ କେତେ କଲା—ଏହାର କୌଣସି ହିସାବ ନଥାଏ । ସେ ମାଆଙ୍କ ଔଷଧ ପାଇଁ କେତେ ଟଙ୍କା ଖର୍ଚ୍ଚ କଲା, ହିସାବ ରଖେ ନାହିଁ । ବାପାଙ୍କ ପାଇଁ କେତେ ରାତି ହସ୍ପିଟାଲରେ କାଟିଲା, ହିସାବ ରଖେ ନାହିଁ । ଭାଇଭଉଣୀଙ୍କ ପାଇଁ କେତେଥର ନିଜ ଆବଶ୍ୟକତାକୁ ପଛକୁ ରଖିଲା, ହିସାବ ରଖେ ନାହିଁ । ସେ ଯଦି ହିସାବ ରଖିଥାନ୍ତା, ହୁଏତ ପରିବାର ତା'ର ଋଣ କେବେ ଶୋଧ କରିପାରନ୍ତା ନାହିଁ । କିନ୍ତୁ ସେ ହିସାବ ରଖେ ନାହିଁ । କାରଣ ସେ ଭଲପାଇବାକୁ ବ୍ୟବସାୟ ଭାବେ ଦେଖେ ନାହିଁ ।

ତଥାପି ତା'ର ମନର କେଉଁ ଗୋଟିଏ କୋଣରେ ଗୋଟିଏ ଛୋଟ ଅଭିଯୋଗ ଥାଏ—'କେହି ଥରେ ମୋତେ ବି ପଚାରିଥାନ୍ତେ—ତୁ କ'ଣ ଚାହୁଁଛୁ ?' ଏତିକି । ସେ ଘର ଛାଡ଼ିବାକୁ ଚାହେଁ ନାହିଁ । ସେ ପରିବାରଠାରୁ ଦୂରେଇବାକୁ ଚାହେଁ ନାହିଁ । ସେ କେବଳ ଚାହେଁ—ତା'ର ଭଲପାଇବାକୁ ଯେମିତି ମୂଲ୍ୟ ଦିଆଯାଏ, ତା'ର ମନକୁ ବି ସେମିତି ମୂଲ୍ୟ ଦିଆଯାଉ । ତା'ର ଦାୟିତ୍ୱକୁ ଯେମିତି ଦେଖାଯାଏ, ତା'ର ଥକାପଣକୁ ବି ସେମିତି ଦେଖାଯାଉ ।

ଏକା ରହିବା ଓ ଏକାକୀ ହେବା—ଦୁଇଟି ଭିନ୍ନ କଥା । ସାନ ପୁଅ ହୁଏତ ଲୋକମାନଙ୍କ ମଝିରେ ରହେ । ଘର ଲୋକରେ ପୂରିଥାଏ । ଫୋନ୍‌ରେ ଅନେକ ନମ୍ବର ଥାଏ । ସୋସିଆଲ୍ ମିଡିଆରେ ଅନେକ ସାଙ୍ଗ ଥାଆନ୍ତି । ତଥାପି ମନର କଥା କହିବାକୁ ଗୋଟିଏ ମଣିଷ ନଥାଏ । ଏହା ହେଉଛି ସବୁଠାରୁ ବଡ଼ ଏକାକୀତ୍ୱ । ଯେତେବେଳେ ମଣିଷର ଚାରିପାଖରେ ଅନେକ ଲୋକ ଥାନ୍ତି, କିନ୍ତୁ ତା'ର ଭିତରର ମଣିଷଟିକୁ ବୁଝିବା ପାଇଁ କେହି ନଥାଏ । ସାନ ପୁଅର ଜୀବନରେ ଏହି ଏକାକୀତ୍ୱ ଅନେକ ସମୟରେ ନିରବ ଅତିଥି ଭଳି ଆସେ । ସେ ଦୁଆର ଠକ୍ ଠକ୍ କରେ ନାହିଁ । ଚୁପଚାପ୍ ଭିତରକୁ ପଶିଯାଏ ।

ଜୀବନର ଶେଷ ଭାଗରେ ମଣିଷ ନିଜ ଜୀବନକୁ ପଛକୁ ଦେଖେ । ସାନ ପୁଅ ବି ଦେଖେ । ମାଆଙ୍କ ପାଇଁ କରିଥିବା କାମ, ବାପାଙ୍କ ପାଇଁ କରିଥିବା ତ୍ୟାଗ, ଭାଇଭଉଣୀଙ୍କ ପାଇଁ ଛାଡ଼ିଦେଇଥିବା ସୁଯୋଗ, ପରିବାର ପାଇଁ ହଜାଇଥିବା ଅନେକ ବର୍ଷ—ସବୁ ତା' ଆଖି ସାମ୍ନାରେ ଗୋଟିଏ ଗୋଟିଏ ଛବି ହୋଇ ଭାସିଯାଏ । ତା'ପରେ ସେ ନିଜକୁ ପଚାରେ—'ମୋ ଜୀବନଟା କେବେ ବଂଚିଲି ?' ପ୍ରଶ୍ନଟି ତା' ମନରେ ଘୁରୁଥାଏ । ହୁଏତ ତା' ପାଖରେ ଏହାର ସ୍ପଷ୍ଟ ଉତ୍ତର ନଥାଏ । କାରଣ ସେ ଜୀବନକୁ ନିଜ ପାଇଁ ବଂଚିନାହିଁ । ସେ ଜୀବନକୁ ଅନ୍ୟମାନଙ୍କ ଖୁସିରେ ଖର୍ଚ୍ଚ କରିଦେଇଛି ।

ପରିବାରରେ ଅନେକ କାମକୁ ଆମେ 'କର୍ତ୍ତବ୍ୟ' ବୋଲି କହିଦେଉ—'ପୁଅ ତ, କରିବାକୁ ପଡ଼ିବ ।' 'ସାନ ପୁଅ ତ, ଦେଖିବାକୁ ପଡ଼ିବ ।' 'ଘରର ଲୋକ, ସାହାଯ୍ୟ କରିବାକୁ ପଡ଼ିବ ।' କିନ୍ତୁ ଏହି 'ପଡ଼ିବ' ଶବ୍ଦ ପଛରେ ଥିବା ମଣିଷଟିକୁ ଆମେ କେବେ ଦେଖୁଛୁ କି ? ଦାୟିତ୍ୱ ଦେବା ସହଜ । ଦାୟିତ୍ୱ ବୋହିବା କଷ୍ଟ । ଆଉ ବର୍ଷ ବର୍ଷ ଧରି ଦାୟିତ୍ୱ ବୋହିବା ପରେ ମଧ୍ୟ ହସିବା—ଏହା ତା'ଠାରୁ ଅଧିକ କଷ୍ଟ । ଯଦି ଆପଣଙ୍କ ଘରେ ଗୋଟିଏ ସାନ ପୁଅ ଅଛି, ଆଜି ଥରେ ତା' ପାଖରେ ବସନ୍ତୁ । ତା'କୁ କୌଣସି ଦାୟିତ୍ୱ ଦିଅନ୍ତୁ ନାହିଁ । କୌଣସି ଅଭିଯୋଗ କରନ୍ତୁ ନାହିଁ । କୌଣସି ଉପଦେଶ ଦିଅନ୍ତୁ ନାହିଁ । କେବଳ ପଚାରନ୍ତୁ—'ତୁ କେମିତି ଅଛୁ ?' ହୁଏତ ପ୍ରଥମେ ସେ କହିବ—'ଭଲ ଅଛି ।' ଆଉ ଥରେ ପଚାରନ୍ତୁ—'ସତରେ କେମିତି ଅଛୁ ?' ହୁଏତ ସେ ଚୁପ୍ ହୋଇଯିବ । ହୁଏତ ହସିଦେବ । ହୁଏତ କଥା ବଦଳାଇଦେବ । ହୁଏତ ଆଖିରେ ଲୁହ ଆସିଯିବ । ସେହି ମୁହୂର୍ତ୍ତରେ ତା'କୁ ଦୁର୍ବଳ ଭାବନ୍ତୁ ନାହିଁ । ତା'କୁ କାନ୍ଦିବାକୁ ଦିଅନ୍ତୁ । କାରଣ ବର୍ଷ ବର୍ଷ ଧରି ଯିଏ ସମସ୍ତଙ୍କ ଲୁହ ପୋଛିଛି, ତା'ର ନିଜ ଆଖିର ଲୁହ ପୋଛିବାର ଅଧିକାର ମଧ୍ୟ ଅଛି ।

ସାନ ପୁଅକୁ କେବଳ 'ଗେହ୍ଲା ପୁଅ' ବୋଲି ଦେଖିବାର ସମୟ ବୋଧହୁଏ ଆମର ଶେଷ ହେବା ଦରକାର । ସେ ଘରର ଏକ ଦାୟିତ୍ୱବାନ୍ ମଣିଷ । ସେ ଘରର ଗୋଟିଏ ନିରବ ସ୍ତମ୍ଭ । ଘର ତା' ଉପରେ ଭରସା କରେ । ସେ ମଧ୍ୟ ଚାହେଁ ଘର ତା'କୁ ଟିକେ ଭରସା କରୁ । ସେ ଟଙ୍କା ଚାହେଁ ନାହିଁ, ସମ୍ପତ୍ତି ଚାହେଁ ନାହିଁ, ବଡ଼ କିଛି ଚାହେଁ ନାହିଁ । ସେ କେବଳ ଟିକିଏ ବୁଝାମଣା ଚାହେଁ, ଟିକିଏ ସ୍ନେହ, ଟିକିଏ ସମ୍ମାନ, ଟିକିଏ ସମୟ । ଆଉ ବେଳେବେଳେ ଏମିତି ଗୋଟିଏ କଥା—'ତୁ ଅଛୁ ବୋଲି ଆମେ ନିଶ୍ଚିନ୍ତ ।' ଏହି କଥାଟି ହୁଏତ ତା'ର ବର୍ଷ ବର୍ଷର ଥକାପଣକୁ ଅଧା କରିଦେଇପାରେ ।

ସାନ ପୁଅର ଦୁଃଖ ସବୁବେଳେ ଆଖିରେ ଦେଖାଯାଏ ନାହିଁ । କେତେବେଳେ ସେ ହସରେ ଲୁଚିଥାଏ । କେତେବେଳେ 'ମୁଁ ଠିକ୍ ଅଛି' ବୋଲି କୁହାଯାଇଥିବା ଦୁଇଟି ଶବ୍ଦ ଭିତରେ ଲୁଚିଥାଏ । କେତେବେଳେ ମାଆଙ୍କ ଆଗରେ ଲୁହ ନ ଝରାଇବାରେ ଲୁଚିଥାଏ । କେତେବେଳେ ବାପାଙ୍କ ଆଶା ଭାଙ୍ଗି ନଦେବାରେ ଲୁଚିଥାଏ । କେତେବେଳେ ନିଜ ସ୍ୱପ୍ନକୁ 'ପରେ' ବୋଲି ଟାଳିଦେବାରେ ଲୁଚିଥାଏ । ଆଉ କେତେବେଳେ ରାତିର ଅନ୍ଧାରରେ ଏକୁଟିଆ ବସି ନିଜକୁ ପଚାରିବାରେ—'ମୋ ପାଇଁ କିଏ ?' ଦୀର୍ଘଶ୍ୱାସ ଭିତରେ ବି ଲୁଚିଥାଏ ।

ସେ ପ୍ରଶ୍ନର ଉତ୍ତର ଯଦି ପରିବାର ଦେଇପାରେ, ତେବେ ହୁଏତ ଗୋଟିଏ ସାନ ପୁଅର ଜୀବନରେ ଅନେକ କିଛି ବଦଳିଯାଇପାରେ । କାରଣ ଯିଏ ସାରା ଜୀବନ ସମସ୍ତଙ୍କୁ ଦେଇ ଆସିଛି, ତା'କୁ ଶେଷରେ ଯଦି କିଛି ଦେବାକୁ ଥାଏ—ତେବେ ସେଟା ଧନ ନୁହେଁ, ସମ୍ପତ୍ତି ନୁହେଁ, ଉପହାର ନୁହେଁ । କେବଳ ଟିକିଏ ଭଲପାଇବା । ଟିକିଏ ବୁଝିବା । ଟିକିଏ ନିଜ ପାଇଁ ବଂଚିବାର ସୁଯୋଗ । କାରଣ ସାନ ପୁଅ ସବୁବେଳେ ଗେହ୍ଲା ନୁହେଁ; କେବେ କେବେ ସେ ହିଁ ଘରର ସବୁଠାରୁ ନିରବ ତ୍ୟାଗୀ । ସମସ୍ତଙ୍କ ଖୁସି ପାଇଁ ଯିଏ ନିଜ ଜୀବନକୁ ଖର୍ଚ୍ଚ କରିଦିଏ, ତା'ର ହସକୁ ଦେଖି ତା'ର ମନ ଖୁସି ଅଛି ବୋଲି ଭାବନ୍ତୁ ନାହିଁ । କାରଣ ହୁଏତ ସେହି ହସ ପଛରେ—ଗୋଟିଏ ସମୁଦ୍ରର ଲୁହ ଜମି ରହିଥାଏ । ଆଉ ସେ ସମୁଦ୍ରର ଗଭୀରତା— ସାନ ପୁଅଟି ଛଡ଼ା ଆଉ କେହି ଜାଣେ ନାହିଁ ।

ମାର୍ଫତ୍: ମନ୍ମଥ କୁମାର ମିଶ୍ର
ବିଶ୍ୱେଶ୍ୱରପୁର ଶାସନ, କେନ୍ଦୁଝର ବଜାର, କେନ୍ଦୁଝର-୭୫୮୦୦୨
ମୋ: ୭୦୦୮୨୪୧୨୮୭

# ଦୁଆର ମୁହଁରେ ବ୍ୟାଙ୍କ

॥ ସୁକାନ୍ତ ଛାଟୋଇ ॥

ଆଜିକାଲି ବ୍ୟାଙ୍କ ସେବା କେବଳ ଆପଣଙ୍କ ପାଖରେ ପହଂଚି ପାରିନି ବରଂ ଆପଣଙ୍କ ହାତ ପାହାନ୍ତାରେ ଥିବା ଅତ୍ୟାଧୁନିକ ମୋବାଇଲ ଫୋନ ଦ୍ୱାରା ସବୁ ସମ୍ଭବ ହୋଇପାରୁଛି । ସରକାର ଲୋକମାନଙ୍କ ପାଖରେ କିପରି ବ୍ୟାଙ୍କିଙ୍ଗର ସାମଗ୍ରିକ ଭାବେ ସମସ୍ତ ସେବା ପହଂଚ୍ ପାରିବ ଏ ନେଇ ଦିନକୁ ଦିନ ଅନେକ ଯୋଜନା ଓ କାର୍ଯ୍ୟକ୍ରମ ହାତକୁ ନେଉଥିବା ବେଳେ ବ୍ୟାଙ୍କମାନେ ମଧ୍ୟ ଏ କ୍ଷେତ୍ରରେ ବଡ଼ ସହାୟତା, ସହଯୋଗର ହାତ ବଢ଼ାଇଥାଆନ୍ତି । ତେବେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆମ ସମାଜର ବରିଷ୍ଠ ନାଗରିକ ତଥା ଦିବ୍ୟାଙ୍ଗ ମାନଙ୍କ ପାଇଁ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଅନେକ ସେବା ସବୁ ରହିଛି । ସେହି ସେବା ସମ୍ବନ୍ଧରେ ଆମେ ଆଜି ଛୋଟିଆ ଆଲୋଚନାଟି ଏଠାରେ ରଖୁଛୁ । ବରିଷ୍ଠ ନାଗରିକ ତଥା ଦିବ୍ୟାଙ୍ଗ ଗ୍ରାହକମାନଙ୍କ ପାଇଁ ବ୍ୟାଙ୍କ ଶାଖାକୁ ଯାଇ ଆର୍ଥିକ କାରବାର କରିବା ସବାବେଳେ କଷ୍ଟକର ହୋଇଥାଏ । ଡିଜିଟାଲ ବ୍ୟାଙ୍କିଙ୍ଗ ମାଧ୍ୟମରେ ଆଜିକାଲି ବିଭିନ୍ନ ସେବା ମିଳୁଥିଲେ ହେଁ ଅନେକ ବରିଷ୍ଠ ନାଗରିକ ମୋବାଇଲ ଫୋନ ବା କମ୍ପ୍ୟୁଟର ମାଧ୍ୟମରେ ଏ ସବୁ କାରବାର କରିବାକୁ ସକ୍ଷମ ନୁହନ୍ତି । ସେହିମାନଙ୍କ ପାଇଁ 'ଡୋର ଷ୍ଟେପ ବ୍ୟାଙ୍କିଙ୍ଗ' ବା 'ଦୁଆର ମୁହଁରେ ବ୍ୟାଙ୍କ ସେବା' ବ୍ୟବସ୍ଥା ବରଦାନ ସଦୃଶ । ୨୦୨୦ ମସିହା ସେପ୍ଟେମ୍ବର ୯ ତାରିଖରେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଦ୍ୱାରା ପବ୍ଲିକ ସେକ୍ଟର ବ୍ୟାଙ୍କ ରିଫର୍ମ କାର୍ଯ୍ୟସୂଚୀ ଅଧୀନରେ ଆରମ୍ଭ କରାଯାଇଥିବା ଏହି ବ୍ୟବସ୍ଥାରେ ପଞ୍ଜୀକୃତ ଗ୍ରାହକମାନେ ଘରେ ବସି ଅନେକଗୁଡ଼ିଏ ବ୍ୟାଙ୍କସେବା ପାଇପାରିବେ । ଫୋନ, ମୋବାଇଲ ଆପ ବା ୱେବ ପୋର୍ଟାଲ ମାଧ୍ୟମରେ ଯୋଗାଯୋଗ କଲେ ଅଧିକୃତ ବ୍ୟାଙ୍କ କର୍ମଚାରୀ ଘରକୁ ଆସି ଏହି ସେବା ପ୍ରଦାନ କରିବେ । ସମସ୍ତ ପବ୍ଲିକ ସେକ୍ଟର ବ୍ୟାଙ୍କରେ ଏହି ସେବା ଉପଲବ୍ଧ । ତେବେ ଏହାର କେତେକ ନିୟମ ରହିଛି ।

ଏବେ କେବଳ ୭୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ତଥା ଦିବ୍ୟାଙ୍ଗ ଗ୍ରାହକମାନଙ୍କୁ ଏହି ସୁବିଧା ଦିଆଯାଉଛି । ଏହି ସୁବିଧା ପାଇବା ପାଇଁ ଆକାଉଂଟର କେୱାଇସି (ଆପଣଙ୍କ ଗ୍ରାହକଙ୍କୁ ଜାଣନ୍ତୁ) ସଂପୂର୍ଣ୍ଣ ହୋଇଥିବା ଉଚିତ ଏବଂ ମୋବାଇଲ ନମ୍ବର ଆକାଉଂଟ ସହ ପଞ୍ଜୀକୃତ ହୋଇଥିବା ଆବଶ୍ୟକ । କେବଳ ବ୍ୟକ୍ତିଗତ ଖାତାଧାରକଙ୍କ ପାଇଁ ଏହି ସୁବିଧା ଉପଲବ୍ଧ । ଯୁଗ୍ମଖାତାଧାରକ ବା ନାବାଳକଙ୍କ ପାଇଁ ଏହି ସୁବିଧା ମିଳିବ ନାହିଁ । ଏଥିରେ ଟଙ୍କା ଜମା ଓ ଉଠାଣ ଚେକ୍, ଡ୍ରାଫଟ, ଫିକ୍ସଡ ଡିପୋଜିଟ, ଟାକ୍ସ ଜମା ଆଦି ଆର୍ଥିକ କାରବାର ସହିତ ଆକାଉଂଟ ଷ୍ଟେଟମେଂଟ, ଲାଇଫ ସାର୍ଟିଫିକେଟ, ନୋମିନେସନ ଭଳି କେତେକ ଅଣଆର୍ଥିକ କାରବାର ମଧ୍ୟ ସାମିଲ । ନିଜର ଶାଖାରେ ପଞ୍ଜୀକରଣ କରାଇ ଗ୍ରାହକ ଏହି ସୁବିଧା ପାଇପାରିବେ । ଡୋରଷ୍ଟେପ ବ୍ୟାଙ୍କିଙ୍ଗ ଆପ ବା ପୋର୍ଟାଲ ମାଧ୍ୟମରେ ମଧ୍ୟ ପଞ୍ଜୀକରଣ କରାଯାଇ ପାରିବ । ବର୍ତ୍ତମାନ ବ୍ୟାଙ୍କର କେତେକ ନିର୍ଦ୍ଦିଷ୍ଟ ଶାଖାର ଏହି ସୁବିଧା ଉପଲବ୍ଧ ହୋଇଥିବାରୁ ସଂପୃକ୍ତ ବ୍ୟାଙ୍କର ୱେବସାଇଟରୁ ଏ ସମ୍ପର୍କରେ ଅଧିକ ତଥ୍ୟ ପାଇପାରିବେ । ଏହି ସୁବିଧାକୁ ଅଧିକ ସୁଗମ କରିବା ପାଇଁ ପବ୍ଲିକ ସେକ୍ଟର ବ୍ୟାଙ୍କମାନେ ମିଶି ଏବେ ପିଏସବି ଆଲାଏନସ ନାମରେ ଏକ ସଂସ୍ଥା ଗ ଢ଼ ି ଛ ନ୍ତି । www.psballiance.com ସାଇଟରେ ସେ ସମ୍ପର୍କରେ ସମସ୍ତ ତଥ୍ୟ ଉପଲବ୍ଧ ।

ତେବେ ଏହି ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଭିତରେ ଆପଣଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟଟି ହେଉଛି ଆପଣ ଆପଣଙ୍କ ସମ୍ବନ୍ଧୀୟ ବିଶେଷ କରି ଓଟିପି ନମ୍ବର ବା କୌଣସି ସିକ୍ରେଟ ପିନକୋଡ଼ ଅନ୍ୟ କାହାରିକୁ ଜଣାନ୍ତୁ ନାହିଁ । ମୋବାଇଲ ଫୋନରେ କୌଣସି ବ୍ୟାଙ୍କିଙ୍ଗ ସେବା ସମ୍ବନ୍ଧରେ ଆପଣ ଅଧିକ ବୁଝିବା ପାଇଁ ଚାହୁଁଥିଲେ ଆପଣଙ୍କ ପାସବୁକ ଥିବା ବ୍ୟାଙ୍କ ଶାଖା କେନ୍ଦ୍ରକୁ ଯାଇ ସହାୟତା ନିଅନ୍ତୁ । ଆପଣ ଆପଣଙ୍କର ବ୍ୟାଙ୍କ ସମ୍ବନ୍ଧୀୟ ସମସ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ପାସବୁକ, ଚେକବୁକ, ଏଟିଏମ କାର୍ଡ଼ ଏସବୁ କେବଳ ଆପଣଙ୍କ ପରିବାରର ମୁଖ୍ୟ ବା ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟ କାହାରିକୁ ଜଣାନ୍ତୁ ନାହିଁ । ଆପଣଙ୍କ ଚେକରେ ଦସ୍ତଖତ କରି ଏହାକୁ ବ୍ଲାଙ୍କ ଭାବେ ରଖନ୍ତୁ ନାହିଁ । ବିଭିନ୍ନ ପ୍ରବଞ୍ଚକମାନେ ଆପଣଙ୍କୁ ଉନ୍ନତ ଓ ବିଶ୍ୱସନୀୟ ସେବା ସମ୍ପର୍କରେ କହିଲେ ମଧ୍ୟ ଏହାକୁ ଅଣଦେଖା କରନ୍ତୁ । ଯାହାକିଛି ବୁଝିବା ପାଇଁ ଚାହୁଁଛନ୍ତି ତାହା କେବଳ ନିକଟସ୍ଥ ବ୍ୟାଙ୍କରେ ହିଁ ଏ ସମ୍ବନ୍ଧରେ ଜାଣନ୍ତୁ ଓ ସୁବିଧା ସୁଯୋଗ ହାସଲ କରନ୍ତୁ । ଆପଣଙ୍କର କୌଣସି ଅସାବଧାନତା କେବଳ ଆପଣଙ୍କର ନୁହେଁ ବ୍ୟାଙ୍କର ମଧ୍ୟ ମୂଲ୍ୟବାନ ସମୟ ଓ ଶ୍ରମଶକ୍ତି ନଷ୍ଟ କରିବ ଏ ଦିଗକୁ ଅଣଦେଖା ନକରି ଜଣେ ଜାଗ୍ରତ ନାଗରିକ ଭାବେ ନିଜ ସହିତ ବ୍ୟାଙ୍କକୁ ସବୁବେଳେ ସହାୟତାର ହାତ ବଢ଼ାନ୍ତୁ ।

ପୋପରଡ଼ା, ନୂଆ ବଜାର,
କଟକ, ଦୂରଭାଷ :
୮୨୪୯୨୭୦୬୨୧

# ଆପଣାର ଭାବ, ଜୀବନ ଧର୍ମ

॥ ଦେବଦ୍ୟୁତି ସ୍ୱାଇଁ ॥

ଆତ୍ମା ମନୁଷ୍ୟ ସ୍ୱଭାବତଃ ଆନନ୍ଦମୟ ଏବଂ ସହଜାତ ଦିବ୍ୟତ୍ୱ ହେଉଛି ତାର ଅସ୍ତିତ୍ୱର ମୂଳାଧାର । ମନୁଷ୍ୟ ସ୍ୱଭାବତଃ ଦିବ୍ୟ ହୋଇଥିବା ସତ୍ତ୍ୱେ ତାର ନିଜର ପାଶବିକ ପ୍ରବୃତି ହେତୁ ତା' ଉପରେ ଅଜ୍ଞାତର ଆବରଣ ପଡ଼ିଯାଇଥିବା ହେତୁ, ନିଜର ଦିବ୍ୟତ୍ୱ ବିଷୟରେ ତାର ଜ୍ଞାନ ହିଁ ନାହିଁ । ଅଜ୍ଞାନ ହେତୁ ହିଁ ମନୁଷ୍ୟ ତାର ଦେହ, ତାର ମନ, ତାର ପ୍ରାଣ ଓ ଇନ୍ଦ୍ରିୟ ତା'ଠାରୁ ଅଭିନ୍ନ ବୋଲି ଭାବୁଛି । ସେ ଯଦି ଏହି ଅଳିକ ଭାବନାକୁ ଅତିକ୍ରମ କରିଯିବ, ତେବେ ସେ ହୋଇଯିବ ବ୍ରହ୍ମଙ୍କ ଠାରୁ ଅଭିନ୍ନ, ଶୁଦ୍ଧାନନ୍ଦମୟ ପରମାତ୍ମାଙ୍କ ଠାରୁ ମଧ୍ୟ ଅଭିନ୍ନ । ଅବତାର ପୁରୁଷ କୌଣସି କର୍ମ ବନ୍ଧନ ଦ୍ୱାରା ଆବଦ୍ଧ ନୁହନ୍ତି । ଯୋଗୀ ଏବଂ ସାଧକଙ୍କ ଅଭିଳାଷ ପୂରଣ କରିବାପାଇଁ ନିରାକାର ଭଗବାନ ସାକାର ହୋଇ ମନୁଷ୍ୟ ରୂପରେ ଧରାପୃଷ୍ଠରେ ଅବତୀର୍ଣ୍ଣ ହୁଅନ୍ତି । ତାଙ୍କର ଜୀବନ ପ୍ରେମପୂର୍ଣ୍ଣ ଏବଂ ସେ ସମସ୍ତ ଦିବ୍ୟଗୁଣରେ ଦିବ୍ୟାୟିତ ହୋଇଥାନ୍ତି । ଯେଉଁ ସାଧକମାନେ ସାରା ଜୀବନ ଧର୍ମ ପଥରେ ଦୃଢ଼ ରହି ଅସତ କାର୍ଯ୍ୟରୁ ଦୂରରେ ଥାନ୍ତି, ସେମାନଙ୍କୁ ଆନନ୍ଦ ଓ ଶାନ୍ତି ପ୍ରଦାନ କରିବାକୁ ଅବତାର ପୁରୁଷମାନେ ଜନ୍ମ ନିଅନ୍ତି ।

ଆମ ମାନଙ୍କର ଜାଣିବା ଭିତରେ ଯେତେ ଧର୍ମ ଓ ବିଭିନ୍ନ ବିଶ୍ୱାସ ମାର୍ଗ ଅଛି ସେ ସମସ୍ତ ପରସ୍ପରର ଆପଣାର ଭାବି ସେମାନଙ୍କୁ ସ୍ୱାଗତ କରିବା ଓ ବିଶ୍ୱାସ ରଖିବା ହିଁ ଜୀବନ ଧର୍ମ । ଯେତେ ଧର୍ମ, ପଥ ବା ତତ୍ତ୍ୱ ରହିଛି ସେଗୁଡ଼ିକ ଆମ ମାନଙ୍କୁ ପବିତ୍ର ମାର୍ଗ ଦେଖାଇବାକୁ ଉଦ୍ଦିଷ୍ଟ । ସତକର୍ମ ଦ୍ୱାରା ମନକୁ ନିର୍ମଳ ରଖି ସେହି ଏକମାତ୍ର ଆଲୋକ ପାଇଁ ବ୍ୟାକୁଳିତ ହେବା । ବେଦାନ୍ତ ଅନ୍ତର୍ଗତ ସନାତନ ଧର୍ମ ସବୁ ଧର୍ମାବଲମ୍ବୀ ମାନଙ୍କ ପରିପୋଷକ । ସେହି ଧର୍ମ ଭଗବାନଙ୍କ ନିକଟରେ ପହଂଚିବାର ସବୁ ରାସ୍ତା ଗୁଡ଼ିକ ବିଷୟ ଜାଣେ । କେଉଁ ଲୋକପାଇଁ ତାହାର ଯୋଗ୍ୟତା ଏବଂ କ୍ଷମତା ଅନୁସାରେ କେଉଁ ରାସ୍ତାଟି ଉପଯୋଗୀ ତାହା ନିଶ୍ଚିତ ହୋଇଛି । ଯଦି ବିଭିନ୍ନ ମତାବଲମ୍ବୀମାନଙ୍କ ମଧ୍ୟରେ କିଛି ମନାନ୍ତର ଥାଏ, ତାହା ସେମାନଙ୍କ ପାରିବାରିକ ଅବୁଝାମଣା । ପୈତୃକ ସମ୍ପତି ଏକ ଏବଂ ଆମେ ସମସ୍ତେ ତହିଁର ଭାଗୀଦାର ହୋଇଥାଉ । ଏହିଠି ହିଁ ଆମେ ସଂସାରର ମାୟାଚକ୍ରରେ ପଡ଼ି ଯାଇ ଏକ ପ୍ରକାର ଉଦ୍ଭ୍ରାନ୍ତ ହେଉଥାଉ ।

ରାମ ଓ କୃଷ୍ଣ ଅବତାରରେ ଭଗବାନ ଧର୍ମ ପଥରେ କଂଟକ ସ୍ୱରୂପ ଦୁଷ୍ଟ ପ୍ରକୃତିର ଏକ ବା ଏକାଧିକ ଲୋକଙ୍କୁ ନିପାତ କରି ଧର୍ମ ସଂସ୍ଥାପନ କରିଥିଲେ । ଏ ଯୁଗରେ ପୁରା ସାଧୁ ପ୍ରକୃତିର ଲୋକ କେହି ନଥିବାରୁ ଭଗବାନ କାହାର ସଂରକ୍ଷଣ କରିବେ ? ପ୍ରତ୍ୟେକଙ୍କ ଠାରେ କିଛି ନା କିଛି ଦୁଷ୍ପ୍ରବୃତି ଥିବାରୁ ଅବତାରୀ ନିଧନ କରିବାକୁ ବସିଲେ କିଏ ବର୍ତ୍ତି ପାରିବ ? ତେଣୁ ସତ୍ୟସାଇ ବାବା କହନ୍ତି 'ସେ ବୁଦ୍ଧିର ସଂଶୋଧନ କରିବାକୁ ଜନ୍ମ ନେଇଛନ୍ତି । ସେ ବନ୍ଧୁ ଭଳି ଉପଦେଶ, ଭର୍ତ୍ସନା, ସାହାଯ୍ୟ, ଆଦେଶ ମାଧ୍ୟମରେ ପାଖରେ ଠିଆ ହୋଇ ବାଟ ଦେଖାଉଛନ୍ତି, ଯାହା ମାନବ ମଧ୍ୟରୁ ମନ୍ଦଗୁଣ ଗୁଡ଼ିକ ବହିଷ୍କାର କରିବାରେ ସାହାଯ୍ୟ କରିବ ଏବଂ ଲକ୍ଷ୍ୟ ସ୍ଥଳରେ ପହଂଚିବାର ସାହାଯ୍ୟ କରିବ । ସଦାଚାରପୂର୍ଣ୍ଣ ଜୀବନ ଦ୍ୱାରା ଆଧ୍ୟାତ୍ମିକ ପ୍ରଗତିକୁ ଆଗେଇ ନେବା ସହ ସବୁବେଳେ ନିଷ୍କପଟ ଭାବେ ଭଗବାନଙ୍କ ଠାରେ ସମର୍ପଣ ଭିତିକ ପ୍ରାର୍ଥନା ହିଁ କରିଚାଲୁଥିବା ।

ସେଥିପାଇଁ ସେ ଅବତରି ଆସନ୍ତି, ଆଉ ଆମକୁ ତାଙ୍କ ଅହେତୁକ ପ୍ରେମରେ ଆପଣାର କରନ୍ତି । ଶାସ୍ତ୍ର ମତରେ ପୂର୍ଣ୍ଣବତାର ଷୋଳକଳା ବିଶିଷ୍ଟ । ଏଥିରୁ ଅବତାରଙ୍କର ପାଂଚୋଟି ଇନ୍ଦ୍ରିୟ ଦର୍ଶନ, ଶ୍ରବଣ, ଆଘ୍ରାଣ, ଆସ୍ୱାଦନ ଏବଂ ସ୍ପର୍ଶ ସହିତ ମନ, ବୁଦ୍ଧି, ଚିତ୍ତ ଏବଂ ଅହଂକାର - ଏହି ଚାରୋଟି ଅନ୍ତଃକରଣ ସାଧାରଣ ମଣିଷ ସହିତ ସମାନ ହୋଇପାରେ । ଏହା ବ୍ୟତୀତ ତାଙ୍କର ସାତୋଟି କଳା ହେଲା - କର୍ମଫଳ ପ୍ରଦାନ, କର୍ମଫଳ ନିବାରଣ, ଧର୍ମ ସଂସ୍ଥାପନ, ଶିଷ୍ଟ ପାଳନ, ଦୁଷ୍ଟ ନିବାରଣ, ନାମ ସ୍ମରଣ ମାଧ୍ୟମରେ ପରମ ଶାନ୍ତି ପ୍ରଦାନ ଏବଂ ଅତ୍ୟନ୍ତ ସୁଦର୍ଶନ ଶରୀରରେ ଐଶ୍ୱରିକ ରୂପ ଦର୍ଶନ । ତେଣୁ ଅବତାରଙ୍କ ଠାରେ ମଣିଷ ସୁଲଭ ଗୁଣ ଦେଖାଯିବା ସ୍ୱାଭାବିକ । ଅବତାର ତତ୍ତ୍ୱକୁ କଥାରେ ପ୍ରମାଣ କରିବା ସମ୍ଭବ ନୁହେଁ । ଈଶ୍ୱର ଏକ କିନ୍ତୁ ସୃଷ୍ଟି ହେଉଛି ଈଶ୍ୱରଙ୍କର ବିବିଧ ରୂପ ଗ୍ରହଣ ଆତ୍ମା ଏକ ଏବଂ ସ୍ୱଭାବତଃ ଅପରିବର୍ତ୍ତନୀୟ ଅଥଚ ସେ ବିବିଧ ରୂପ ଗ୍ରହଣ କରିଥିବା ପରି ବୋଧହୁଏ । ବିଶ୍ୱର ବିବିଧ ରୂପରେ ବ୍ରହ୍ମ ହିଁ ପରିବ୍ୟାପ୍ତ ହୋଇଛନ୍ତି ।

ସାଧାରଣ ସମ୍ପାଦକ, ପୁରୁଷୋତ୍ତମ ସ୍ମୃତି ସେବା ସତସଙ୍ଗ,
ପୁରୁଷୋତ୍ତମ କମ୍ପ୍ଲେକ୍ସ, ମେରିଆ ବଜାର କଟକ
ଦୂରଭାଷ: ୯୪୩୭୧୯୯୬୮୭, ୯୪୩୯୬୧୯୮୯୩

